ପ୍ରେସ୍‌ନୋଟ୍।

# ୭୪ତମ ସ୍ୱାଧିନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ଆରମ୍ଭ।

ଅନୁଗୋଳ,ତା.୧୨.୮:- ସଂପ୍ରତି କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ସ୍ୱାଧିନତା ଦିବସ ପାଳନରେ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି । ଏହି ନିର୍ଦ୍ଦେଶନାମାକୁ ଭିତ୍ତିକରି ଜିଲ୍ଲା ସ୍ତରୀୟ ୭୪ତମ ସ୍ୱାଧିନତା ଦିବସ ଯଥାରୀତି ପାଳନ କରାଯିବ । ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥିରିକୃତ ମୁଖ୍ୟ ଅତିଥି ରାଜ୍ୟ ବିଜ୍ଞାନ ଓ ପ୍ରଯୁକ୍ତି ବିଜ୍ଞାନ,ସାଧାରଣ ଉଦ୍ୟୋଗ,ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ତଥା ଅନୁଗୋଳ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଅନୁଗୋଳ ଷ୍ଟାଡିୟମ ପଡିଆରେ ସକାଳ ୯:୧୫ ମିନିଟ୍ ସମୟରେ ଜାତୀୟ ପତାକା ଉତ୍ତୋଳନ କରିବା ସହ ଉଦବୋଧନ ଦେବେ । ଏହି ଅବସରରେ କିଛି କରୋନା ଯୋଦ୍ଧା,ସୁସ୍ଥ ହୋଇଥିବା ବ୍ୟକ୍ତି ଓ ପରିମଳ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ । ଗତ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଜିଲ୍ଲାରୁ ସର୍ବାଧିକ ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଥିବା ଜଣେ ଲେଖାଏଁ ଛାତ୍ର ଓ ଛାତ୍ରୀ ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ । ପରେ ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ଫଳ ଓ ଜେଲର ଅନ୍ତେବାସୀ ଓ ଅନାଥାଶ୍ରମର ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନକରାଯିବ । ଚଳିତ ବର୍ଷ ଜିଲ୍ଲା ପୋଲିସ ତରଫରୁ ଗୋଟିଏ ପ୍ଲାଟୁନ୍ ଓ ଗୋଟିଏ ବ୍ୟାଣ୍ଡ ପାର୍ଟି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରି ଜାତୀୟ ପତାକାକୁ ଅଭିବାଦନ ଜଣାଇବେ ବୋଲି ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରୁଥିବା ସମସ୍ତ ପୋଲିସ କର୍ମଚାରୀ ମାନଙ୍କର କୋଭିଡ ପରୀକ୍ଷା (ଆଣ୍ଟିଜେନ୍ ଟେଷ୍ଟ) କରାଯାଇଛି । ଏହି କାର୍ଯ୍ୟକ୍ରମରେ ଜନସାଧାରଣ ଓ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ଯୋଗ ଦେବାପାଇଁ ବାରଣ କରାଯାଇଛି । ଜିଲ୍ଲା ଏବଂ ଉପଖଣ୍ଡ ସ୍ତରରେ ଆନୁଷ୍ଠାନିକ ଜାତୀୟ ପତାକା ଉତ୍ତୋଳନ ପୂର୍ବରୁ ସମସ୍ତ ସରକାରୀ,ବେସରକାରୀ କୋଠାବାଡି ଓ ଶିକ୍ଷାନୁଷ୍ଠାନ ଗୁଡିକରେ ସକାଳ ୭ଘ. ୩୦ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ କରାଯିବ । ଏହି ଜାତୀୟ ପତାକା ଉତ୍ତୋଳନ ସମୟରେ ସମ୍ପୃକ୍ତ ଅନୁଷ୍ଠାନ ଗୁଡିକର ମୁଖ୍ୟ ଓ ଅଳ୍ପ କିଛି କର୍ମକର୍ତ୍ତା ଉପସ୍ଥିତ ରହିବେ । ଶିକ୍ଷାନୁଷ୍ଠାନଗୁଡିକରେ କୌଣସି ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିପାରିବେ ନାହିଁ । ଜାତୀୟ ପତାକା ଉତ୍ତୋଳନ ଅବସରରେ ଅନୁଷ୍ଠିତ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସାମାଜିକ ଦୂରତା ଅବଲମ୍ବନ କରିବା ସହ ସମସ୍ତେ ମାସ୍କ ପିନ୍ଧିବେ ଓ କାର୍ଯ୍ୟକ୍ରମ ସ୍ଥଳରେ Hand Sanitiser ରଖିବାକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପରାମର୍ଶ ଦେଇଛନ୍ତି । ଉତ୍ସବକୁ ଅତିଥିମାନଂକୁ ସେମାନଙ୍କ ମୋବାଇଲ ମାଧ୍ୟମରେ ନିମନ୍ତ୍ରଣ କରାଯାଇ ଷ୍ଟାଡିୟମ ପଡିଆ ମଧ୍ୟରେ ଉଦ୍ଦିଷ୍ଟ ସ୍ଥାନରେ ସାମାଜିକ ଦୂରତ୍ୱ ରକ୍ଷା କରି ବସିବାରବ୍ୟବସ୍ଥା କରାଯିବ ।